ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ଇତିହାସ ରଚିଲେ ଅଶ୍ୱଥ ନାରାୟଣ

## ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଜିତିଲେ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୮/୦୮/୨୦୧୯

ରଷିଆର କାଜାନ ସହରରେ ୪୫ତମ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାର ଅଶ୍ୱଥ ନାରାୟଣ ଭାରତ ପାଇଁ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ହାସଲ କରି ଇତିହାସ ରଚିଛନ୍ତି ।

ସି.ଭି. ରମଣ କଲେଜ୍ ଅଫ୍ ଇଂଜିନିୟରିଂରୁ ଇଲୋକ୍‌ଟ୍ରୋନିକ୍ସ ଏବଂ ଇନ୍‌ଷ୍ଟ୍ରୁମେଣ୍ଟେସନ୍ ଇଂଜିନିୟରିଂରେ ବି.ଟେକ୍ ଶିକ୍ଷା ଲାଭ କରିଥିବା ଅଶ୍ୱଥ ୱାଟର ଟେକ୍‌ନୋଲୋଜି ଟ୍ରେଡ୍‌ରେ ଏହି ପଦକ ଜିତିଛନ୍ତି । ୬୩ଟି ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ପ୍ରତିଯୋଗିତା କରି ସେ ଏହି ବିଶ୍ୱପଦକ ହାସଲ କରିବାରେ ସଫଳ ହୋଇଛନ୍ତି ।

ଆମ ଦେଶ ୱାଟର ଟେକ୍‌ନୋଲୋଜିରେ ଗୋଟିଏ ସ୍ୱର୍ଣ୍ଣ, ୱେବ୍ ଟେକ୍‌ନୋଲୋଜିରେ ଗୋଟିଏ ରୌପ୍ୟ ଏବଂ ଜ୍ୱେଲେରୀ ଓ ଗ୍ରାଫିକ୍ ଡିଜାଇନ୍ ଟେକ୍‌ନୋଲୋଜିରେ ଦୁଇଟି ପଦକ ସହ ସର୍ବମୋଟ ୪ଟି ପଦକ ପାଇଛି ।

ସେହିପରି ଆଇଟି ସଫ୍ଟୱେର ସଲୁସନ୍ ଫର୍ ବିଜିନେସ୍, ୱେଲଡିଂ, ୱାଲ ଏଣ୍ଡ ଫ୍ଲୋର ଟାଇଲିଂ, ଅଟୋବଡି ରିପ୍ୟାର୍, କାର ପେଣ୍ଟିଂ, ଅଟୋମୋବାଇଲ୍ ଟେକ୍‌ନୋଲୋଜି, ବ୍ରିକ୍ ଲେଇଙ୍ଗ୍, ମୋବାଇଲ୍ ରବୋଟିକ୍ସ, ପାଟିସେରି ଏଣ୍ଡ କନ୍‌ଫେକ୍ସନାରୀ, ହେଲ୍‌ଥ ଏଣ୍ଡ ସୋସିଆଲ୍ କେୟାର, ଭିଜୁଆଲ୍ ମର୍ଚାଣ୍ଡାଇଜିଂ, ବ୍ୟାକେରୀ, ଥ୍ରୀ-ଡି ଗେମ୍ ଆର୍ଟ, ସାଇବର ସିକ୍ୟୁରିଟି ଏବଂ ମେକାଟ୍ରୋନିକ୍ସରେ ଭାରତ ମୋଟ ୧୪ଟି ମେଡାଲ ଅଫ୍ ଏକ୍ସଲେନ୍ସ ପଦକ ହାସଲ କରିଛି ।

ସୂଚନା ଥାଉ କି ଏହି ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ପ୍ରଥମ ଥର ପାଇଁ ଓଡ଼ିଶାରୁ ତିନି ଜଣ ପ୍ରତିଯୋଗୀ ୱାଟର ଟେକ୍‌ନୋଲୋଜି, ଏମ୍. କାଡ ଏବଂ ସିଏନ୍‌ସି ଟ୍ରେଡ୍‌ରେ ଦେଶ ପାଇଁ ପ୍ରତିନିଧିତ୍ୱ କରିଥିଲେ । ଅଶ୍ୱଥଙ୍କ ସଫଳତାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଅଧକ୍ଷ ଶ୍ରୀ ସୁବ୍ରତ ବାଗ୍‌ଚୀ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ସଫଳତା ପାଇଁ ପ୍ରତ୍ୟେକ ଅନୁଷ୍ଠାନମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ୨୦୨୧ରେ ସାଂଘାଇରେ ହେବାକୁ ଯାଉଥିବା ପ୍ରତିଯୋଗିତାରେ ଓଡ଼ିଶାର ଅଧିକତର ସଫଳତା କାମନା କରିଛନ୍ତି ।

ପ୍ରମିଳା ମାଝୀ
ସୂଚନା ଅଧିକାରୀ